ଧରିତ୍ରୀ
DHARITRI
ଗୁରୁବାର, ୨୯ ଅଗଷ୍ଟ, ୨୦୧୯



## ସଂକ୍ଷେପରେ

ଘରୋଇ ବିଦ୍ୟାଳୟରେ ର୍ୟାଗିଂ

### ନବମ ଶ୍ରେଣୀ ଛାତ୍ରଙ୍କୁ ଆକ୍ରମଣ

**ବ୍ରହ୍ମପୁର ଅଫିସ,୨୮।୮:** କଲେଜଗୁଡିକରେ ର୍ୟାଗିଂ ହେଉଥିବା ବେଳେ ଏବେ ଏହାର ପ୍ରଭାବ ସ୍କୁଲଗୁଡ଼ିକରେ ମଧ ପଡିଥିବା ଦେଖିବାକୁ ମିଳିଛି। ବୁଧବାର ମୀନାକ୍ଷୀ ନଗରରେ ଥିବା ଏକ ଘରୋଇ ଇଂଲିଶ ମାଧମ ବିଦ୍ୟାଳୟରେ ପଢୁଥିବା ଜନୈକ ନବମ ଶ୍ରେଣୀ ଛାତ୍ରଙ୍କୁ ସେହି ସ୍କୁଲର ୧୦ମ ଶ୍ରେଣୀର ଜଣେ ଛାତ୍ର ମରଣାନ୍ତକ ଆକ୍ରମଣ କରିଥିବା ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କ ବାପା ଓ କେତେଜଣ ଅଭିଭାବକ ସ୍କୁଲକୁ ଯାଇ ଅଧକ୍ଷଙ୍କୁ ଭେଟିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆକ୍ରମଣକାରୀ ଛାତ୍ରଙ୍କୁ ସ୍କୁଲରୁ ବହିଷ୍କୃତ କରିବାକୁ ଦାବି କରିଛନ୍ତି,ଯାହାକୁ ନେଇ ସ୍କୁଲରେ ଏକ ପ୍ରକାର ଚାପା ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଗୋଷାଣୀନୂଆଗାଁ ଥାନାଧିକାରୀ ସୁମିତ ସୋରେନ ପହଞ୍ଚି ଉତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପଟେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା ୧୦ ଶ୍ରେଣୀ ଛାତ୍ରଙ୍କୁ ବାହାର କରି ଦିଆଯାଇଥିବା ନେଇ ନିଷ୍ପତ୍ତି ହୋଇଥିବା ବିଦ୍ୟାଳୟ ଅଧକ୍ଷା ସୂଚନା ଦେଇଛନ୍ତି।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ

# ଆଇଟିଏମ୍ଏସ୍ ବ୍ୟବସ୍ଥାର କଲେ ଶୁଭାରମ୍ଭ

- ୧୩ ଭିନ୍ନକ୍ଷମ, ଏସ୍ଏଚଜିଙ୍କୁ ୫୦ ହଜାର ଘୂର୍ଣ୍ଣୟନ ପାଣ୍ଠି
- ଅନ୍ୟ ଜିଲା ପାଇଁ ଉଦାହରଣ ପାଲଟିଛି ଗଞ୍ଜାମ

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମ ଜିଲା ଅନ୍ୟ ଜିଲା ତୁଳନାରେ ସବୁ କ୍ଷେତ୍ରରେ ଆଗରେ ରହିଛି। ବହୁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରି ଅନ୍ୟ ଜିଲା ପାଇଁ ଏବେ ଉଦାହରଣ ପାଲଟିଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍ସି)ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍ଏସ୍) ସମଗ୍ର ଭାରତରେ ପ୍ରଥମ। ଦିନିକିଆ ବ୍ରହ୍ମପୁର ଗସ୍ତ ଓ ବିଏମ୍ସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ପଞ୍ଚାୟତିରାଜ, ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ଏହା କହିଛନ୍ତି । ଜିଲାର ବିକାଶ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଡିସେମ୍ବର ସୁଦ୍ଧା ଜିଲାର ସମସ୍ତ ପୌରାଞ୍ଚଳ ଓ ମହାନଗର ନିଗମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଆସନ୍ତା ୫ ବର୍ଷ ମଧ୍ୟରେ ସମସ୍ତ ପଞ୍ଚାୟତ, ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର ହେବ ବୋଲି ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ । ଏହାବ୍ୟତୀତ ସରକାରଙ୍କ ଯୋଜନାଗୁଡିକ କିପରି ସାଧାରଣ ଲୋକ ତଥା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ପଦକ୍ଷେପ ନିଆଯାଉଛି। ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଆଳରେ ତାଙ୍କୁ ଶୋଷଣ କରୁଥିବା ଦଲାଲଙ୍କୁ ମଧ ନିୟନ୍ତ୍ରଣ କରିବା ଦିଗରେ ଆଗାମୀ ଦିନରେ ଦୃଢ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚାଇ ଥିଲେ । ଏହି ଅବସରରେ ବିଏମ୍ସି ପରିସରରେ ପ୍ରାୟ ୩.୭୨ କୋଟି ଟଙ୍କା ବ୍ୟୟରେ ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ସହ ଆପରାଧିକ କାର୍ଯ୍ୟକଳାପ ଉପରେ ଦୃଷ୍ଟି ଦେବା ଦିଗରେ ପ୍ରସ୍ତୁତ ଇଣ୍ଟିଗ୍ରେଟେଡ୍ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଟିଏମ୍ଏସ୍)ର ଶୁଭାରମ୍ଭ କରିଥିଲେ । ନିଗମ କୋଠାଗୁଡିକରେ ୧ କୋଟି ଟଙ୍କା ବ୍ୟୟରେ ହୋଇଥିବା ସୋଲାର ସିଷ୍ଟମ ବ୍ୟବସ୍ଥା ଓ ୫୦ ଲକ୍ଷ ଟଙ୍କାରେ ନିର୍ମିତ ତୃତୀୟ ମହଲା କୋଠାକୁ ମଧ ସେ ଉଦ୍‌ଘାଟନ କରିଥିଲେ। ଏଥିସହ ୧ କୋଟି ବ୍ୟୟରେ ହେବାକୁ ଥିବା ସିଟି ସର୍ଭେଲାନ୍ସ ନେଟୱର୍କ, ସହରର ୫ ପ୍ରମୁଖ ଛକରେ ୧୨ ଲକ୍ଷ ଟଙ୍କା ବ୍ୟୟରେ ଲଗାଯିବାକୁ ଥିବା ପବ୍ଲିକ ଆନାଉନ୍ସମେଣ୍ଟ ସିଷ୍ଟମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଟାଉନହଲରେ ଅନୁଷ୍ଠିତ 'ସାମାଜିକ ସୁରକ୍ଷା ଭତ୍ତା' ଓ ଭିନ୍ନକ୍ଷମ ସ୍ୱୟଂସହାୟକ ଗୋଷ୍ଠୀଗୁଡିକର ଘୂର୍ଣ୍ଣୟନ ପାଣ୍ଠି ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ପୁନଃ ନିର୍ମାଣ ହୋଇଥିବା ନୂତନ ଡାଇମଣ୍ଡଜୁବଲି ଟାଉହଲକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୩ ଭିନ୍ନକ୍ଷମ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଘୂର୍ଣ୍ଣୟନ ପାଣ୍ଠି ପ୍ରଦାନ କରାଯାଇଥିଲା। ୨୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାର ଋଣ ମଞ୍ଜୁର ଓ ୫୩୬ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା, ଅବିବାହିତ ଭତ୍ତା ବଣ୍ଟନ କରାଯାଇଥିଲା। ଏଥିସହ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ପକ୍ଷରୁ ଜନସାଧାରଣ ଅଭିଯୋଗ ଦାଖଲ ନିମିତ୍ତ ବିଡିଏ କାର୍ଯ୍ୟାଳୟ ଓ ଖୋଡାସିଙ୍ଗିରେ ଆରମ୍ଭ ହେବାକୁ ଥିବା ଅର୍ବାନ ସର୍ଭିସ ପାଭିଲିୟନ ତଥା ସିଙ୍ଗଲ ୱିଣ୍ଡୋ ସିଷ୍ଟମ ବ୍ୟବସ୍ଥାର ମଧ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ୨.୫ କୋଟି ବ୍ୟୟରେ ବିଡିଏର ଖାଲିଯାଗାରେ ନିର୍ମାଣ ହେବାକୁ ଥିବା ଶିଶୁ ପାର୍କ, ୭୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଜୁ ପଟ୍ଟନାୟକ ପାର୍କର ନବୀକରଣ କାର୍ଯ୍ୟ, ରେଲୱେ ଓଭର ବ୍ରିଜ ତଳେ ୨ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ଭେଣ୍ଡିଙ୍ଗ ଜୋନ, ୯୭ ଲକ୍ଷ ଟଙ୍କାରେ ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡର ପୁନଃ ନିର୍ମାଣ କାର୍ଯ୍ୟ ଆଦିର ଭିତ୍ତିପ୍ରସ୍ତର ସ୍ଥାପନ କରଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ମଞ୍ଚାସୀନ ଥିଲେ । ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କ ସମେତ ବିଏମ୍ସିର ଅନ୍ୟ ଅଧିକାରୀ, କର୍ମଚାରୀ ଓ ପୂର୍ବତନ କର୍ପୋରେଟରମାନେ ଉପସ୍ଥିତ ଥିଲେ ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟଅ ତିଥି ବୃନ୍ଦ ।

## ଆକ୍ରମଣ ଘଟଣା, ବାଲବଚା ଗିରଫ

ବ୍ରହ୍ମପୁର ଅଫିସ,୨୮।୮

ଗତ ୧୫ ତାରିଖ ରାତିରେ ବଡବଜାର ଥାନା ଅନ୍ତର୍ଗତ ଶାନ୍ତି ନଗରରେ ୨ ଅପରାଧୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଖଣ୍ଡି ଗୋଷ୍ଠୀର କାଳିଆ ଡାକୁଆଙ୍କୁ ଖଣ୍ଡାରେ ବାଲବଚା ଗ୍ୟାଙ୍ଗର ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଘଟଣା ପରଠାରୁ ଫେରାର ଥିବା ଗ୍ୟାଙ୍ଗ ଲିଡ଼ର ବାଲବଚା ଓରଫ ଲବ ସେଠୀଙ୍କୁ ପୋଲିସ ମଙ୍ଗଳବାର ରାତିରେ ଗିରଫ କରିଥିଲା। ମାମଲା ନଂ. ୧୩୪/୧୯ରେ ବୁଧବାର ବାଲବଚାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୧୫ ତାରିଖ ରାତିରେ ଖଣ୍ଡି ଗୋଷ୍ଠୀର କାଳିଆ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବାଲବଚା ଓ ତାଙ୍କର ୪ ଜଣ ସହଯୋଗୀ ସେଠାରେ ପହଞ୍ଚି ଥିଲେ। ପରେ ଏକାକିଥିବା କାଳିଆଙ୍କୁ ଅପରାଧୀମାନେ ଖଣ୍ଡାରେ ଘାତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଭାଇ ଭାସ୍କର ବେହେରା ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ବାଲବଚାଙ୍କୁ ଗିରଫ କରିଥିଲା। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବନ କୁସୁମ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ବାର୍ଷିକୋତ୍ସବ

**ବ୍ରହ୍ମପୁର ଅଫିସ,୨୮।୮:** ବନକୁସୁମ ସାହିତ୍ୟ ପ୍ରତିଷ୍ଠାନର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିଶୁ ସାହିତ୍ୟିକ ସମ୍ମିଳନୀ ଓ ଶିଶୁ ସାଂସ୍କୃତିକ ମହୋତ୍ସବ ହୋଇଥିଲା । ପ୍ରଫେସର କୃଷ୍ଣଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉତ୍କଳ ଆଶ୍ରମରେ ଆୟୋଜିତ ଉତ୍ସବରେ ଉମା ଚରଣ ମିଶ୍ର ଅଧକ୍ଷତା କରିଥିବା ବେଳେ ଡ଼ା. ଚନ୍ଦ୍ରମଣି ସ୍ୱାଇଁ, ସନ୍ତୋଷ ସୁବୁଦ୍ଧି, ଇଂ. ସଞ୍ଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଡ଼. ଲକ୍ଷ୍ମୀ ନାରାୟଣ ଦାସ ଓ ସ୍ୱର୍ଣ୍ଣପ୍ରଭା ପାଢ଼ୀ ସମ୍ମାନିତ ଅତିଥି ଥିଲେ । ସୂର୍ଯ୍ୟ ନରାୟଣ ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିଶୁଙ୍କ ବୌଦ୍ଧିକ ବିକାଶ ନେଇ ଉତ୍ସବରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କାଳିନ୍ଦୀ ଚରଣ ନାୟକ। ବନ୍ଦନା ମହାପାତ୍ର, ସୌଦାମିନି ମିଶ୍ର, ସୁଧାଞ୍ଜଳି ମିଶ୍ର, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଗୋଲଖ ଚନ୍ଦ୍ର ଦଳେଇ ଓ ଲୋକନାଥ ନାୟକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ, କବିମାନେ ସ୍ୱରଚିତ କବିତା ପାଠ କରିଥିଲେ । ସରୋଜ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ ।


**ବିଦ୍ୟାଦାତାଙ୍କ ଆଗମନ ପାଇଁ ବ୍ରହ୍ମପୁରରେ ପ୍ରସ୍ତୁତି :** ଗେଟ୍ ବଜାରରେ ଗଣେଶଙ୍କ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ଜଣେ ଶିଳ୍ପୀ । (ଫଟୋ-ସମୀର)

## ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨୮।୮

ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେବା ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗାନ୍ଧୀନଗର ୯ମ ଲେନରେ ରହୁଥିବା ଲଲାଟେନ୍ଦୁ ଦଳାଇ । ମାମଲା ନଂ. ୧୬୦/୧୭ରେ ଲଲାଟେନ୍ଦୁଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ମହିଳାଙ୍କୁ ଗତ ୨ ବର୍ଷ ତଳେ ଲଲାଟେନ୍ଦୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ କରିବାକୁ ମହିଳା ଜଣ ଜିଦ କରିବାରୁ ଲଲାଟେନ୍ଦୁ ତାଙ୍କୁ ଧମକଚମକ ଦେବା ସହ ସେ ଘରୁ ପଳାଇଥିଲେ। ପ୍ରତାରଣାର ଶିକାର ହେବା ଜାଣିବା ପରେ ମହିଳା ୨୦୧୭ ସେପ୍ଟେମ୍ବର ୪ରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରଠୁ ଲଲାଟେନ୍ଦୁ ଫେରାର ଥିବା ବେଳେ ପୋଲିସ ତାଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା।

## ବୃଦ୍ଧଙ୍କୁ ହତ୍ୟା ଉଦ୍ୟମ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୮।୮

ଜମି ହିଡରେ ଅନ୍ୟ ଏକ ଜମିରୁ ମାଟି ଆଣି ଗଦେଇବାର ପ୍ରତିବାଦ କରିବାରୁ ବୃଦ୍ଧଙ୍କୁ ଠେଙ୍ଗାରେ ଘାତକ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଲକ୍ଷ୍ମୀନୃସିଂହ ସାହିର ଗାଣ୍ଟୁ ଜେନା (୪୫)। ମାମଲା ନଂ. ୮୬/୧୯ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଶିବରାମ ବିଷୋୟୀ ବୁଧବାର ସକାଳେ ମୀନାକ୍ଷୀ ନଗର ନିକଟରେ ଥିବା ଜମିରେ ଚାଷକାମ କରୁଥିଲେ। ତାଙ୍କ ହିଡରେ ଗାଣ୍ଟୁ ଅନ୍ୟ ଜମିରୁ ମାଟି ଆଣି ଗଦେଇ ଥିଲେ। ଶିବରାମ ଏହାର ପ୍ରତିବାଦ କରିବାରୁ ଗାଣ୍ଟୁ ଏକ କାଠରେ ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ସେ ଗୁରୁତର ହୋଇ ପଡିଥିଲେ। ନିକଟରେ ଚାଷ କାମ କରୁଥିବା ଲୋକମାନେ ଶିବରାମଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଣ୍ଟୁଙ୍କୁ ଗିରଫ କରିଥିବା କହିଛି।

## ଭବିଷ୍ୟନିଧି କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ

ବ୍ରହ୍ମପୁର ଅଫିସ,୨୮।୮

କର୍ମଚାରୀ ଭବିଷ୍ୟନିଧି ଷ୍ଟାଫ୍ ୟୁନିୟନ୍ ପକ୍ଷରୁ ବୁଧବାର ୮ଦଫା ଦାବିନେଇ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ଦିବସୀୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମଚାରୀମାନେ ଦିନ ତମାମ୍ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ନ କରି ସମ୍ମୁଖରେ ବିଭିନ୍ନ ପ୍ଲାକାର୍ଡ଼ ଧରି ଧାରଣାରେ ବସିଥିଲେ। କ୍ୟାଡର୍ ପୁର୍ନଗଠନରେ ଗ୍ରୁପ୍-ବି, ସି ଏବଂ ଡି କର୍ମଚାରୀଙ୍କୁ ସାମିଲ୍ କରିବା, ସମସ୍ତ ଗ୍ରୁପ୍-ବି, ସି ଏବଂ ଡି କ୍ୟାଡର୍‌ରେ ଥିବା କର୍ମଚାରୀଙ୍କୁ ପଦୋନ୍ନତି ଦେବା, ଖାଲି ପଡ଼ିଥିବା ପଦବୀ ପୂରଣ, ମୃତ କର୍ମଚାରୀଙ୍କ ପରିବାର ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଚାକିରି ଦେବା ଆଦି ୮ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦୀର୍ଘ ଦିନ ହେଲା କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ସୁଦ୍ଧା କର୍ତ୍ତୃପକ୍ଷ ବାରମ୍ବାର ଏହାକୁ ଏଡ଼ାଇ ଚାଲିଛନ୍ତି । ଏହାର ପ୍ରତିବାଦରେ ସର୍ବଭାରତୀୟ ଇପିଏଫ୍ ଷ୍ଟାଫ୍ ଫେଡେରେଶନ୍ ଡାକରା କ୍ରମେ ବ୍ରହ୍ମପୁର ସମେତ ଦେଶର ସମସ୍ତ କାର୍ଯ୍ୟାଳୟରେ ଏକ ଦିବସୀୟ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ୟୁନିୟନ୍ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ସାମନ୍ତରାୟଙ୍କ ନେତୃତ୍ୱରେ ଏହି ଧାରଣା ଅନୁଷ୍ଠିତ ହୋଇଥିଲା। ଉପସଭାପତି ପୁଷ୍ପକ ରଞ୍ଜନ ପଲ୍, ଯୁଗ୍ମ ସମ୍ପାଦକ ଦେବାଶିଷ ବ୍ରହ୍ମା, କୋଷାଧକ୍ଷ ଟି. ଶିବରାମ ପୃଷ୍ଟିଙ୍କ ସମେତ ୟୁନିୟନ୍ ସଦସ୍ୟମାନେ ଭାଗ ନେଇଥିଲେ।



କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ପ୍ରଶାସନ ପାରିଲାନି: ରାସ୍ତା ମରାମତି କଲେ ଛାତ୍ରୀ

ବ୍ରହ୍ମପୁର ଅଫିସ୍,୨୮।୮

ଗୋଷାଣୀନୂଆଗାଁ ଥାନା ସମ୍ମୁଖ ରାସ୍ତା ଦୀର୍ଘ ଦିନ ହେଲା କଦର୍ଯ୍ୟ ଅବସ୍ଥାରେ ଥିଲା। ରାସ୍ତା କଡ଼ରେ ଏକ ବିରାଟ ଖାଲ ହୋଇ ଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିଲା। ଏହି ରାସ୍ତା ଦେଇ କନିଷି, ଗୋଳନ୍ଥରା ଏବଂ ଇଚ୍ଛାପୁରକୁ ମାଲ୍‌ବାହୀ ଏବଂ ଯାତ୍ରୀବାହି ବସ୍ ଚଳାଚଳ କରିଥାଏ। ସେହିଭଳି ରାସ୍ତା ଦେଇ ଦୈନିକ ବହୁ ସଂଖ୍ୟକ ସ୍କୁଲ ବସ୍ ମଧ୍ୟ ଯା'ଆସ କରିଥାଏ । ହେଲେ ଖରାପ ରାସ୍ତା ଯୋଗୁ ଲୋକମାନେ ହଇରାଣ ହେଉଥିଲେ। ମରାମତି ପାଇଁ ବହୁଥର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେବେ ପ୍ରଶାସନ ଉପରେ ନିର୍ଭର ନ କରି ବୁଧବାର ଡିଏଭି ପବ୍ଲିକ ସ୍କୁଲର ଗାଇଡ୍ ଛାତ୍ରୀମାନେ ମରାମତି କରିଛନ୍ତି। ବହୁ ସଂଖ୍ୟାରେ ଛାତ୍ରୀ ପୂର୍ବାହ୍ନରେ ଏକାଠି ହୋଇ ମରାମତି କାର୍ଯ୍ୟ କରିଥିଲେ। ନିଜେ ମାଟି ବାଲି ଆଣି ପକାଇଥିଲେ। ଛାତ୍ରୀମାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଭାରପ୍ରାପ୍ତ ଅଧକ୍ଷା ଧାରାଶ୍ରୀ ପାଢୀଙ୍କ ତତ୍ତ୍ୱାବଧାନରେ ଗାଇଡ୍ କ୍ୟାପଟେନ୍ ସ୍ୱପ୍ନାରାଣୀ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ସମୀର ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ।


ଛାତ୍ରୀମାନେ ରାସ୍ତା ମରାମତି କରୁଛନ୍ତି ।

## କେଏଟିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ : ଛାତ୍ର ସଂସଦ ବାର୍ଷିକୋତ୍ସବ

# ପାନୀୟ ଜଳ ସମସ୍ୟାର ସମାଧାନ ପ୍ରତିଶ୍ରୁତି

ବ୍ରହ୍ମପୁର ଅଫିସ,୨୮।୮

ପୃଥିବୀର କୋଣ ଅନୁକୋଣରେ ଦିନକୁ ଦିନ ଆୟୁର୍ବେଦର ଆଦୃତି ବଢି ଚାଲିଛି । ଓଡିଶାକୁ ବାହାର ରାଜ୍ୟ ତଥା ଦେଶ ସହ ସଂଯୋଗ କରିବାରେ ଆୟୁର୍ବେଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆୟୁର୍ବେଦ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଧୈର୍ଯ୍ୟ, ସହନଶୀଳତାର ସହ ନୂତନ ବୃକ୍ଷର ଔଷଧୀୟ ଗୁଣାବଳୀ ଉପରେ ଗବେଷଣା କରିବା ଆବଶ୍ୟକ । ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଛାତ୍ର ସଂସଦ ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁର୍ବେଦର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆୟୁର୍ବେଦ ଜ୍ଞାନ ହ୍ରାସ ଉପରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ କଲେଜରେ ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଡିନ୍ ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଔଷଧୀୟ ଗବେଷଣା ଉପରେ ରତ ହେବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଡା. ବିମଳ ପଣ୍ଡା ମଞ୍ଚାସୀନ ଥିଲେ । ଛାତ୍ର ସଂସଦ ସଭାପତି ଅବିରାମ ମାଝି ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମେକାପ ବାର୍ଷିକ ବିବରଣୀ ପାଠ କରିଥିଲେ। ଡି. ଅମ୍ରିତା ଓ ଅବିନାଶ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା 'ସଞ୍ଜିବନୀ' ଉନ୍ମୋଚିତ ହୋଇଥିଲା। ତେବେ ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡା ସୌଭାଗ୍ୟ ମଲିକଙ୍କ ନିର୍ଦ୍ଦେଶିତ ଓ ଛାତ୍ରୀଛାତ୍ରଙ୍କ ଅଭିନୀତ ନାଟକ 'ସମୟ ଖେଳୁଛି ଚକା ଭଉଁରୀ' ପ୍ରଦର୍ଶିତ ହୋଇଥିଲା । ମହାବିଦ୍ୟାଳୟର ଅଧାପିକା, ଅଧାପକ କର୍ମଚାରୀ ସହଯୋଗ କରିଥିଲେ ।


ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଖଲ୍ଲିକୋଟ,୨୮।୮(ଡି.ଏନ୍.ଏ.):** ଖଲ୍ଲିକୋଟ ସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଲେଜର ଭାରପ୍ରାପ୍ତ ଅଧକ୍ଷ ବିମଳ ପ୍ରସାଦ ସାହୁ, ଅବସରପ୍ରାପ୍ତ ଓଡ଼ିଆ ଅଧାପିକା ଶରତ ପଟ୍ଟନାୟକ, ଓଡ଼ିଆ ବିଭାଗ ଅଧାପିକା ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ଉପସ୍ଥିତ ଥିଲେ।

### ଅର୍ଥନୀତି ବିଭାଗର ସ୍ୱାଗତ ସମ୍ବର୍ଦ୍ଧନ ଉତ୍ସବ

**ପାତ୍ରପୁର,୨୮।୮(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତ ପତି ମହାବିଦ୍ୟାଳୟରେ ଯୁକ୍ତ ତିନି ଅର୍ଥନୀତି ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ରଞ୍ଜୁକ୍ତା ପାଣିଗ୍ରାହି, ଅଧାପକ କେ. ଶ୍ରୀନିବାସ ରାଓ, ଲିଲୁ କୁମାର ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଛ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ତରଫରୁ ଘୋଷିତ ସବୁ କଲେଜକୁ ମଡେଲ କଲେଜ କରିବା ଏଥିରେ ଅର୍ଥନୀତି ବିଭାଗର ବିଦ୍ୟାର୍ଥୀମାନଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ପାଠପଢ଼ା ଛଡ଼ା ସାମାଜିକ କାର୍ଯ୍ୟକଳାପ ଓ ସାଂସ୍କୃତିକ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରି ବ୍ୟକ୍ତିତ୍ୱର ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ ଅତିଥିମାନେ। କାର୍ଯ୍ୟକ୍ରମକୁ ଛାତ୍ର ଦିବ୍ୟଞ୍ଜୟ ସାହୁ ପରିଚାଳନା କରିଥିଲେ।

### ରୋଗୀ କଲ୍ୟାଣ ସମିତିର ସମନ୍ୱୟ ବୈଠକ
### ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବାକୁ ବିଧାୟକଙ୍କ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୨୮।୮ (ସ୍ୱ.ପ୍ର.):** ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ରୋଗୀ କଲ୍ୟାଣ ସମିତିର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ରୋଗୀ କଲ୍ୟାଣ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ପ୍ରତ୍ୟେକ ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ବୋଲି ବୋଲି କହିଥିଲେ । ରୋଗୀ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ହେଉଥିବା କାର୍ଯ୍ୟକ୍ରମ ମାଧମରେ ଲୋକେ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ, ଏଡିଏମ୍‌ଓ ଡା. ଭି. ଲୋକନାଥ ରାଜୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାମେୟାପାଟଣା ଗାଁରେ ସମୁଦ୍ର ଜୁଆର ମାଡ଼
# ୩୦ ପରିବାରର ବାସଗୃହ ଧ୍ୱସ୍ତବିଧ୍ୱସ୍ତ

**ଚିକିଟି,୨୮।୮(ଡି.ଏନ.ଏ.)**


ସମୁଦ୍ର ଜୁଆର ମାଡ଼ରେ କ୍ଷତିଗ୍ରସ୍ତ ବାସଗୃହ।

ଗଞ୍ଜାମ ଜିଲା ଚିକିଟି ବ୍ଲକ୍ କଡୁରୁ ପଞ୍ଚାୟତ ସମୁଦ୍ରତଟବର୍ତ୍ତୀ ଗ୍ରାମ ରାମେୟାପାଟଣା ବୁଧବାର ସକାଳେ ପୁଣି ସମୁଦ୍ର ଜୁଆର ମାଡରେ କ୍ଷତିଗ୍ରସ୍ତ ହୋଇଛି। ଜୁଆର ମାଡରେ ୩୦ ପରିବାର ବାସଗୃହ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। କେତେକ କ୍ଷତିଗ୍ରସ୍ତ ପରିବାରର ଲୋକମାନେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବାବେଳେ ଅନ୍ୟ କେତେକ ପରିବାର ଖୋଲା ଆକାଶ ତଳେ ପଡି ରହିଛନ୍ତି। ଏହିଭଳି ବାରମ୍ବାର ସମୁଦ୍ର ଜୁଆର ମାଡିଆସି ରାମେୟାପାଟଣାବାସୀ କ୍ଷତିଗ୍ରସ୍ତ ହେଉଥିଲେ ସୁଦ୍ଧା ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବୁଧବାର ମଧାହ୍ନରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଚିକିଟି ଅତିରିକ୍ତ ତହସିଲ୍‌ଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ, ରାଜସ୍ୱ ନୀରିକ୍ଷିକ ଗିରିଜା ପ୍ରସାଦ ମଲ୍ଲିକ୍ ରାମେୟାପାଟଣାରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏନେଇ ସବିଶେଷ ରିପୋର୍ଟ ଜିଲା ପ୍ରଶାସନକୁ ଦିଆଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖରେ ଜୁଆର ମାଡିଆସି ଏହି ୩୦ ପରିବାରର ବାସଗୃହ ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ରାଜ୍ୟ ସରକାର ସମୁଦ୍ର ତଟବର୍ତ୍ତୀ ମତ୍ସ୍ୟଜୀବୀ ଗ୍ରାମଗୁଡିକରେ ଓଡିଆରପି ଯୋଜନାରେ ବାତ୍ୟା ନିରୋଧକ ଗୃହ ଯୋଗାଇ ଦେଉଥିବାବେଳେ ଉକ୍ତ ଗ୍ରାମରେ ଅଧିକାଂଶ ମତ୍ସ୍ୟଜୀବୀ ଏହି ଯୋଜନାରୁ ବାଦ୍ ପଡିଛନ୍ତି। ଉକ୍ତ ଗ୍ରାମରେ ୪୫୦ ପରିବାର ମଧ୍ୟରୁ ୩୩୧ ପରିବାରଙ୍କୁ ଓଡିଆରପି ଯୋଜନାରେ ବାତ୍ୟା ନିରୋଧକ ଗୃହ ଦିଆଯାଇଥିବାବେଳେ ଆଉ ୧୧୯ ପରିବାର ଏହି ଯୋଜନାରୁ ବାଦ୍ ପଡିଛନ୍ତି। ପ୍ରତିବର୍ଷ ଏହିଭଳି ସମସ୍ୟା ଉପୁଜୁଥିବାରୁ ମତ୍ସ୍ୟଜୀବୀମାନେ ଏହି ଯୋଜନାରେ ସାମିଲ କରାଯିବା ପାଇଁ ପ୍ରଶାସନ ନିକଟରେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି
# ତେଜିଲା ଓକିଲ ସଂଘ ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୨୮।୮**

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଛି। ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଓକିଲମାନେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ପ୍ରତି ମାସର ଶେଷ ୪ ଦିନ ଏଥିପାଇଁ ଗଞ୍ଜାମ ଓକିଲ ସଂଘ ତରଫରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଉଛି। ଚଳିତ ମାସ ବୁଧବାରଠାରୁ ସଂଘ ପକ୍ଷରୁ କୋର୍ଟ କାମ ବନ୍ଦ ରଖାଯାଇଛି। ଏହି ଆନ୍ଦୋଳନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ନେଇ ପାଲ୍ କମିଶନ ବସାଇଥିଲେ। ସେହି କମିଶନ ତା'ର ରିପୋର୍ଟ ଦେଇସାରିଛି। ହେଲେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର କୌଣସି ଉଦ୍ୟମ କରୁନଥିବା ସଂଘ ଅଭିଯୋଗ କରିବା ସହ ଉଦ୍‌ବେଗ ପ୍ରକାଶ କରିଛି। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସଂଘ ତରଫରୁ ଅଭିଯୋଗ କରାଯାଉଛି। ଦକ୍ଷିଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସରକାର ଖୁବଶୀଘ୍ର ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସଂଘ କର୍ମକର୍ତ୍ତା ଦାବି କରିଛନ୍ତି। ବ୍ରହ୍ମପୁରରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବିଧାନସଭା ଓ ଲୋକ ସଭାରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବାକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ଗଞ୍ଜାମ ଓକିଲ ସଂଘ ପୂର୍ବତନ ସମ୍ପାଦକ ପୀତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ, ନିର୍ମଳ କୁମାର ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅକ୍ଷୟ ପଟ୍ଟନାୟକ, ସୀତାଂଶୁ ଶେଖର ପଣ୍ଡା, ନୟନଚନ୍ଦ୍ର ମହାପାତ୍ର, ଶିଶିର ପାଢ଼ୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡି ଗ୍ରାମରେ ମତ୍ସ୍ୟଜୀବୀମାନେ ମାଛଧରା ଜାଲ ସଜାଡୁଛନ୍ତି। (ଫଟୋ-ସମୀର)

# ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଭର୍ନିଂ ବଡି ବୈଠକ

**ଖଜୁରିପଡ଼ା,୨୮।୮(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଡ. ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଦ୍ୟାଳୟ କାର୍ଯ୍ୟାଳୟରେ ଗଭର୍ନିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିର ଫୁଲବାଣୀର ବିଧାୟକ ଅଙ୍ଗଦ କହଁର ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଗଭର୍ନିଂ ବଡ଼ି ବୈଠକ ବସିଥିଲା। ବୈଠକରେ ବିଦ୍ୟାଳୟକୁ ସଂଯୋଗ କରି ଜାତୀୟ ରାଜପଥ କଡ଼ରୁ ମାଟି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ, ରାସ୍ତା ମୁଣ୍ଡରେ ଏକ ମୁଖଶାଳା ଫାଟକ ନିର୍ମାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚର ନିର୍ମାଣ, ଛାତ୍ରୀଛାତ୍ରଙ୍କ ସାଇକେଲ ଷ୍ଟାଣ୍ଡ ଘର ନିର୍ମାଣ ଆଦି ଉପରେ ଆଲୋଚନା କରାଯାଇଥିଲା। ୧୯୯୬ରେ ସ୍ଥାପିତ ହୋଇ ୨୪ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ଏହି ବିଦ୍ୟାଳୟର ଏତେ ସମସ୍ୟା ଥିବା ନେଇ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ବିଲାବାଡ଼ି ପଞ୍ଚାୟତ ସରପଞ୍ଚ ଅନ୍ନପୂର୍ଣ୍ଣା ପ୍ରଧାନ, ବିଦ୍ୟାଳୟ କମିଟି ସଦସ୍ୟ, ଗଭର୍ନର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ, ଉଦ୍‌ଘାଟନ

**ଗୋପାଳପୁର/ କନିଷ୍ଠି,୨୮।୮(ଡି.ଏନ.ଏ.)**


ମନ୍ତ୍ରୀ ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

ରାଜ୍ୟ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ଦିନିକିଆ ଗସ୍ତରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା, ସମ୍ମାନିତ ଅତିଥି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସ୍ଥାନୀୟ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଗୋପାଳପୁର ବିଜ୍ଞାପିତ ଅଞ୍ଚଳର ୮ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ରଙ୍ଗେଇଲୁଣ୍ଡା ବ୍ଲକ ନୂତନ କୋଠାର ଉଦ୍‌ଘାଟନ କରି ମନ୍ତ୍ରୀ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣଙ୍କୁ ଉନ୍ନୟନମୂଳକ କାର୍ଯ୍ୟ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ଜିଲା ପରିଷଦ ଅଧକ୍ଷ ସୋନମ ପଲେଇ, ଛତ୍ରପୁର ବିଧାୟକ ସୁବାସ ବେହେରା, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ବିଇଓ ପ୍ରଭାତି ମହାପାତ୍ର, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋସ୍ନା ପାଢ଼ୀ, ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ବୁଗୁଡ଼ା,୨୮।୮(ଡି.ଏନ.ଏ.)**

ବୁଗୁଡ଼ାସ୍ଥିତ ବଳଦେବ ସ୍ୱାମୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ନବାଗତ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମିଶ୍ର ସଭାପତିତ୍ୱରେ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତଥା ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପିପୁଲସ କଲେଜର ପୂର୍ବତନ ଅଧ୍ୟକ୍ଷ ଜୟକୃଷ୍ଣ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ବ୍ରଜ କିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମନୋଜ କୁମାର ସ୍ୱାଇଁ ଓ ଅଧ୍ୟାପିକା ନିରୁପମା ରାୟ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଛାତ୍ରୀମାନେ ନବାଗତଙ୍କୁ ସ୍ୱାଗତ ଜଣାଇଥିଲେ। ସତ୍ୟଶ୍ରୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ

**ବ୍ରହ୍ମପୁର ଅଫିସ୍,୨୮।୮**

ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପ୍ରଶାସନ ଏବଂ ମାପ ଓ ଓଜନ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ଉ କରାଯାଇଛି। ପ୍ରଥମେ ଦେଶୀବେହେରା ସାହିସ୍ଥିତ ଏକ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ବେଳେ ଖାଇବା ତେଲ ପ୍ୟାକେଟ୍ ଉପରେ ଇମେଲ୍ ଠିକଣା ଏବଂ ଦର ଲେଖାଯାଇ ନ ଥିଲା। ଏଣୁ ପ୍ରତିଷ୍ଠାନଠାରୁ ୩୦ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ଏକ ଚିନି ହୋଲ୍‌ସେଲ୍‌ର ଉପରେ ମଧ ଚଢ଼ାଉ ହୋଇଥିଲା। ଓଜନ ଯନ୍ତ୍ରୀ ଠିକ୍ କାଗଜପତ୍ର ଦାଖଲ ନ କରି ପାରିବାରୁ ୧୫ହଜାର ଟଙ୍କାର ଜରିମାନା ଆଦୟ କରାଯାଇଥିଲା। ସେହିଭଳି ପାଟ୍ରୋଲ୍ ପମ୍ପ ଉପରେ ମଧ୍ୟ ଚଢ଼ାଉ ହୋଇଥିଲା। ଅତିରିକ୍ତ ତହସିଲଦାର୍ ଜ୍ଞାନଜିତ ତ୍ରିପାଠୀ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ ଏବଂ ଶିଶିର ସାହୁ ଚଢ଼ାଉରେ ଅଂଶଗ୍ରହଣ କରିଥିଲେ।


ଏକ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ଚାଲିଛି।

# ଅଲିଅଲ କନ୍ୟା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଖଜୁରିପଡ଼ା,୨୮।୮(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକର ଦୂତିପଡ଼ା ବାଳିକା ଅନ୍ତେବାସୀ ହାଇସ୍କୁଲ ପରିସରରେ ନାଲ୍‌କୋ ଫାଉଣ୍ଡେଶନ ଓ ଚାର୍ମ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅଲିଅଲ କନ୍ୟା ସ୍ୱଚ୍ଛତା ପକ୍ଷ ଓ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମନରେ ସ୍ୱଚ୍ଛତା ଓ ସୁସ୍ଥତା ରହିବା ନେଇ ସଚେତନ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦୂତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଦୂତିପଡ଼ା ବାଳିକା ଆଶ୍ରମ ଉଚ୍ଚ ବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫୦୦ ଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି କହଁର ନାଲ୍‌କୋ ପକ୍ଷରୁ ହାଇଜିନ କିଟ୍ ସାମ୍ପୋ, ସାବୁନ ଓ ହ୍ୟାଣ୍ଡୱାସ ଭଳି ଆୟୁର୍ବେଦିକ ସାମଗ୍ରୀ ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦୂତୀପଡ଼ା ବାଳିକା ଆଶ୍ରୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ, ଜିଲା ପରିଷଦ ଜୁଲିଲତା ଲେଙ୍କା, ବିଧାୟକ ପ୍ରତିନିଧି ହେମନ୍ତ କହଁର, ବିଲାବାଡ଼ି ସରପଞ୍ଚ ଅନ୍ନପୂର୍ଣ୍ଣା ପ୍ରଧାନ, ଦୂତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଚାର୍ମ ଅନୁଷ୍ଠାନର ସଦସ୍ୟ ସମ୍ପାଦକ ବିଷ୍ଣୁଚରଣ ସ୍ୱାଇଁ ପରିଚାଳନା କରିଥିଲେ।



ଅତିଥିଙ୍କ ଦ୍ୱାରା ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ବିଜୁଳି କର୍ମଚାରୀ ସଂଘର ଗଣଧାରଣା
# ୯ ଦଫା ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଘୋଷଣା

**ବ୍ରହ୍ମପୁର ଅଫିସ,୨୮।୮**

ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ପରିବର୍ଣ୍ଟନ ସଂସ୍ଥା ସାଉଥ୍-କୋର ବ୍ରହ୍ମପୁରସ୍ଥ କର୍ପୋରେଟ ଅଫିସ ଆଗରେ ବୁଧବାର ପୁଣି ଗଣଧାରଣା ଆରମ୍ଭ ହୋଇଛି। ୯ ଦଫା ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ସଂଘ ଘୋଷଣା କରିଛି। ଧାରଣାସ୍ଥଳରେ କୁହାଯାଇଛି, ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ଅତୀତରେ ବିଦ୍ୟୁତ୍ ବୋର୍ଡକୁ ଭାଙ୍ଗି ଘରୋଇକରଣ କରିଥିଲେ। ତେବେ କୌଣସି ଉନ୍ନତି ନ ହେବାରୁ ୨୦୧୫ରେ ଘରୋଇ କମ୍ପାନୀ ସହ ହୋଇଥିବା ଚୁକ୍ତି ବାତିଲ କରିବାକୁ ବାଧ ହୋଇଥିଲେ। ତଥାପି ସମସ୍ୟା ସମାଧାନ ବଦଳରେ ବଢ଼ି ଚାଲିଛି ଏବଂ ଭିତ୍ତିଭୂମିର ଅବନତି ଘଟିଛି। ଅତୀତରେ ସାଉଥ୍-କୋ ଅଧୀନରେ ୨.୪୯ ଲକ୍ଷ ଗ୍ରାହକ ଏବଂ ଅଣ ଇଞ୍ଜିନିୟର କର୍ମଚାରୀ ସଂଖ୍ୟା ୪୪୦୦ ଥିଲା। ଏବେ ଗ୍ରାହକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ବେଳେ କର୍ମଚାରୀ ସଂଖ୍ୟା ହ୍ରାସ ପାଇଛି। ଫଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି । ଗ୍ରାହକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ନିଅଣ୍ଟିଆ କର୍ମଚାରୀ। ତେଣୁ ବିଜୁଳି କର୍ମଚାରୀ ସଂଘ ବିରୋଧ କରିବାକୁ ବାଧ ହୋଇଛି।

ଦାବିଗୁଡ଼ିକ ମଧ୍ୟରେ ସାଉଥ-କୋ କର୍ତ୍ତୃପକ୍ଷଙ୍କ ଶ୍ରମିକ ଓ କର୍ମଚାରୀ ଶୋଷଣ ନୀତି ବନ୍ଦ ଏବଂ ଗ୍ରାହକଙ୍କୁ ନିୟମିତ ଉଚିତ ବିଦ୍ୟୁତ ସେବା ଯୋଗାଇବା, ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଦଶମ ମଜୁରି ନିର୍ଦ୍ଧାରଣରେ ଅସଂଗତି ଦୂର ନିମନ୍ତେ ଗ୍ରେଡେସନ କରାଯାଇ ଗ୍ରେଡ ପେ ସଂଶୋଧନ, ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ କାର୍ଯ୍ୟକ୍ରମରେ ସ୍ଥାୟୀ ନିଯୁକ୍ତି ଏବଂ ଗ୍ରୀଡ୍‌କୋ, ଓପିଟିସିଏଲ କର୍ମଚାରୀ ପାଉଥିବା ସମସ୍ତ ସୁବିଧା ସାଉଥ୍-କୋ କର୍ମଚାରୀଙ୍କୁ ଦିଆଯିବା ଅନ୍ତର୍ଭୁକ୍ତ। ସେହିପରି କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ମାପକାଠି କରି କାର୍ଯ୍ୟନିର୍ବାହୀ କ୍ୟାଡରକୁ ପଦୋନ୍ନତି ଦେବା, କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରତି ମାସ ୧୦ ତାରିଖ ମଧ୍ୟରେ ମଜୁରି ପ୍ରଦାନ ଏବଂ ବିଦ୍ୟୁତ୍ ଶିଳ୍ପକୁ ବାରମ୍ବାର ଘରୋଇକରଣ କରା ନ ଯିବାକୁ ସଂଘ ଦାବି କରିଛି।

ସୂଚନାଯୋଗ୍ୟ, ଉପରୋକ୍ତ ଦାବିଗୁଡ଼ିକ ନେଇ ବିଭିନ୍ନ ସମୟରେ ବିଜୁଳି କର୍ମଚାରୀ ସଂଘ ଅନ୍ଦୋଳନ କରୁଛି। ଦାବି ପୂରଣ ପ୍ରତିଶ୍ରୁତି ଦେଇ ସାଉଥ୍-କୋ ପ୍ରତାରଣା କରୁଛି। ୬ ମାସ ତଳେ ବୃହତ୍ ଆନ୍ଦୋଳନ ହୋଇଥିଲା। ଗତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୧ରେ ଆନ୍ଦୋଳନକୁ ସଂଘ ସ୍ଥଗିତ ରଖିଥିଲା। ବହୁ ମାସ ବିତିବା ପରେ ବି ଦାବି ପୂରଣ ନ ହେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପୁଣି ଗଣଧାରଣା ଆରମ୍ଭ କରାଯାଇଥିବା କୁହାଯାଇଛି। ଧାରଣାର ପ୍ରଥମ ଦିନରେ ସଂଘ ସଭାପତି ତଥା ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ସାଧାରଣ ସମ୍ପାଦକ କାଳୁ ଚରଣ ସାହୁ, ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରାଙ୍କ ସମେତ ଅନେକ ସଂଘ ସଦସ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ।

## ସଂକ୍ଷେପରେ



### ବୟନଶିଳ୍ପ ମନ୍ତ୍ରୀଙ୍କ ବୈପାରୀଗୁଡ଼ା ଗସ୍ତ

**ବୈପାରୀଗୁଡ଼ା,୨୮।୮(ଡି.ଏନ୍.ଏ.):** କୋଟପାଡ଼ ବିଧାୟିକା ତଥା ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ବୁଧବାର ବୈପାରୀଗୁଡ଼ା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଜୁ ବାହିନୀ ପକ୍ଷରୁ ଚାରାରୋପଣ କରିବାଛନ୍ତି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ପରିଚାଳନା କମିଟି ସଭାପତି ମନୋଜ ମହାପାତ୍ର, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି ଓ ବନାଞ୍ଚଳ ଅଧିକାରୀ ରମେଶ ରାଉତ ଉପସ୍ଥିତ ଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଫଳଚାରା ଲଗାଯାଇଥିଲା। ଏହାପରେ ମନ୍ତ୍ରୀ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମିତି ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିଥିଲେ। ବିଗତ ଦିନରେ ସରପଞ୍ଚମାନଙ୍କ ବିଭିନ୍ନ ପ୍ରସ୍ତାବକୁ ଅଣଦେଖା କରିବା ତଥା ବୈଠକରେ ଉପସ୍ଥିତ ରହିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପୂର୍ବ ସୂଚନା ଦିଆ ନଯିବା ପ୍ରତିବାଦରେ ସମସ୍ତ ୨୦ ପଞ୍ଚାୟତର ସରପଞ୍ଚ ବୈଠକ ବର୍ଜନ କରିଥିଲେ। ଫଳରେ ଏହା ଫିକା ପଡ଼ିଥିଲା। ବୈପାରୀଗୁଡ଼ା ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହୋଇଥିବା ଡ୍ରେନ୍‌ରେ ନିମ୍ନମାନର କାମ ସମ୍ପର୍କରେ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

### ସତ୍ୟସାଇ ସେବା ସମିତି ପକ୍ଷରୁ ଚାରାରୋପଣ



**ଦାମନଯୋଡ଼ି,୨୮।୮(ଡି.ଏନ୍.ଏ.):** କୋରାପୁଟ ଜିଲା ସତ୍ୟସାଇ ସେବା ମଣ୍ଡଳ ପକ୍ଷରୁ ସେମିଳିଗୁଡ଼ା ବ୍ଲକ୍ ଅଧୀନସ୍ଥ ଶୁଣ୍ଡିପୁଟ ଗ୍ରାମରେ ୩ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମହାପ୍ରବନ୍ଧକ ଇଂ. ଅରୁଣ ଦାସ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲଗାଯାଇଥିବା ଚାରାର ଯତ୍ନ ନେବା ପାଇଁ ସତ୍ୟସାଇ ସେବା ସମିତିର ସମସ୍ତ ଭଉଣୀ ଭାଇ ଶପଥ ନେଇଥିଲେ। ବନବିଭାଗ ସେମିଳିଗୁଡ଼ା ରେଞ୍ଜ୍ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ଏଥିରେ ସହଯୋଗ କରିଥିଲେ। ସମିତିର ଜିଲା ସଭାପତି ଏସ୍.ଏନ୍. ରାଓ, ନୀଳାଞ୍ଚଳ ମିଶ୍ର, ରେଞ୍ଜର୍ ପ୍ରସାଦ ବିଷୋୟୀ, ଫରେଷ୍ଟର ତ୍ରିପତି ପଣ୍ଡା, ଗଜେନ୍ଦ୍ର ପୂଜାରୀ, ସେବା ସଂଯୋଜକ ଟୁକୁନା ସାହୁ, ବିନୋଦ ଚନ୍ଦ୍ର ସାହୁ, ଭେଙ୍କେଟ ରାଓ ଉପସ୍ଥିତ ଥିଲେ।

■ ମେଡିକାଲ କଲେଜ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

# ଭିତ୍ତିଭୂମି ବିକାଶକୁ ଜୋର୍ ଦେଲେ ଆର୍‌ଡିସି

**କୋରାପୁଟ,୨୮।୮(ସ୍ୱ.ପ୍ର.)**



ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଆରଡିସିଙ୍କ ସହ ଅନ୍ୟମାନେ।

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଟି. ଆପାଙ୍ଗ ଆଓଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜିଲାପାଳ ମଧୁସୂଦନ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ମେଡିକାଲ କଲେଜର ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ମେଡିକାଲ ଅଧୀକ୍ଷକ ପ୍ରଫେସର ହରେକୃଷ୍ଣ ଦଳେଇଙ୍କ ସମେତ ସ୍ୱାସ୍ଥ୍ୟ ବିକାଶ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ମେଡିକାଲ କଲେଜର ଭିତ୍ତିଭୂମି ଉନ୍ନତି ଉପରେ ଜୋର୍ ଦିଆଯିବା ସହ ଉତ୍ତମ ରୋଗୀ ସେବା, ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ, ମେଡିକାଲରେ ଆବଶ୍ୟକ ଉପକରଣ ଓ ଔଷଧ ଯୋଗାଣ, ରୋଗୀଙ୍କୁ ନେବା ଆଣିବା ପାଇଁ ହୁଇଲ ଚେୟାର ଓ ଷ୍ଟ୍ରେଚର ଆମ୍ବୁଲାନ୍ସ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ସେହିପରି ମେଡିକାଲ କଲେଜ ଓ ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ସିସିଟିଭି ଲଗାଇବା, ସର୍ବସାଧାରଣଙ୍କ ପାଇଁ ସୂଚନା କେନ୍ଦ୍ର ଖୋଲାଯିବା ଉପରେ ମଧ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର ନନ୍ଦ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଚମନ ଲାକ୍ରା, କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ, ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ତାଲିମ



ତାଲିମ ଶିବିରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଶିବିରାର୍ଥୀମାନେ।

**କୋରାପୁଟ,୨୮।୮(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଜିଲାସ୍ତରୀୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ତିନିଦିନିଆ ଆବାସିକ ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲା ଜଳ ଓ ପରିମଳ ମିଶନ କୋରାପୁଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଶୁଭାରମ୍ଭ କରିଥିଲେ । ଏଥିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, ଜିଲା ଜଳ ଓ ପରିମଳ ମିଶନ ନିର୍ବାହୀ ଯନ୍ତ୍ରୀ, ରାଜ୍ୟ ଆଇସି ବିଶେଷଜ୍ଞ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ସମ୍ପଦ ଗୋଷ୍ଠୀ ଗଠନ କରିବା ଦିଗରେ ସାଧାରଣ ଲୋକଙ୍କୁ ସଚେତନ କରାଇବା, ଏହାର ବୈଷୟିକ ଜ୍ଞାନ ଉପରେ ତାଲିମ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲା ସଦର ବ୍ଲକର ମରିଚମାଳ, ଲିଟିଗୁଡ଼ା, ମାଥାଲପୁଟ ପଞ୍ଚାୟତ, କୁନ୍ଦୁରା ପଞ୍ଚାୟତ, କୋଟପାଡ଼ ବ୍ଲକର ବୋବେୟା, ପଟ୍ଟାଙ୍ଗି ବ୍ଲକର ଦେଓ ପଟ୍ଟାଙ୍ଗିରେ ଏହିପରି ସଚେତନତା କାର୍ଯ୍ୟକ୍ରମ ପାଇଁ କର୍ମଚାରୀଙ୍କୁ ତାଲିମ ଦିଆଯାଉଥିବା ବେଳେ ମାଲକାନଗିରି ଜିଲାର କୋରକୋଣ୍ଡା ବ୍ଲକର ପେଦ୍ଦୁଗୁଡ଼ା, ମାଲକାନାଗିରି ବ୍ଲକ ସୋମନାଥପୁର, କାଲିମେଲା ବ୍ଲକ ତାଣ୍ଡବାଇ ୩ଟି ପଞ୍ଚାୟତର ବିଭାଗୀୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଏଥିରେ ଆଇସି ବିଶେଷଜ୍ଞ ଦେବାଶିଷ ବିଶ୍ୱାଳ, ମାଲକାନଗିରି ଜିଲାର ନିର୍ମଳ ଏକ୍କା, କୋରାପୁଟ ଜିଲାର ୟୁନିସେଫର ଶ୍ୟାମ ସୁନ୍ଦର ପୂଜାରୀ, ଗଜପତି ଜିଲାର ମାଷ୍ଟର ଟ୍ରେନର ଲିଙ୍ଗରାଜ ପାଣିଗ୍ରାହୀ ତାଲିମ ଦେଇଥିଲେ। ସୀମା ସ୍ୱାରକୀ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମଣ ନାୟକ, ସାଇ କିରଣ ପାଳ, ଏସ୍.ଏସ୍. ପ୍ରଭା ଏଥିରେ ସହଯୋଗ କରିଥିଲେ।

ଦିବ୍ୟାଙ୍ଗଙ୍କଠାରୁ ଲାଞ୍ଚ ନେବା ମାମଲା

### ଜେଲ ଗଲେ ଏଆର୍ଆଇ

**ଜୟପୁର,୨୮।୮(ନି.ପ୍ର.)**

ପୈତୃକ ସମ୍ପତ୍ତିର ଡିମାର୍କେସନ କରିବା ପାଇଁ ଜଣେ ଦିବ୍ୟାଙ୍ଗଙ୍କଠାରୁ ୨୫ ଶହ ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଥିବା ବଲଡା ସହକାରୀ ରାଜସ୍ୱ ନିରିକ୍ଷକ (ଏଆର୍ଆଇ) କୈଳାସ ଚନ୍ଦ୍ର ବିଶ୍ୱାଳଙ୍କୁ ଜେଲ ପଠାଇ ଦିଆଯାଇଛି । ଭିଜିଲାନ୍ସ ଅଭିଯୁକ୍ତ ଥିବା ଏଆର୍ଆଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ତାଙ୍କୁ ୪ ତାରିଖ ଯାଏ ଜେଲକୁ ପଠାଇଦେଇ ଥିବାବେଳେ ଜାମିନ ଶୁଣାଣି ସେହିଦିନ ହେବା ନେଇ ନିଷ୍ପତ୍ତି ହୋଇଛି। ପରେ ଏଆରଆଇଙ୍କୁ ଜୟପୁର ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି। ଏନେଇ ଭିଜିଲାନ୍ସ କେସ୍ ନଂ ୨୧/୧୯ରେ ଏକ ମାମଲା ରୁଜୁ କରିଥିଲା।

### ଆଧାରକାର୍ଡ ପ୍ରସ୍ତୁତି ପାଇଁ ଭିଡ଼

**ଜୟପୁର,୨୮।୮(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଖାଦ୍ୟ ସୁରକ୍ଷା ଆଇନ କାର୍ଡଧାରୀଙ୍କୁ ଆଧାରକାର୍ଡ ସଂଯୋଗୀକରଣ ବାଧତାମୂଳକ କରାଯିବା ସହ ଏହାର ଅନ୍ତିମ ଦିବସ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜୟପୁର ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ଆଧାରକାର୍ଡ ପ୍ରସ୍ତୁତ କେନ୍ଦ୍ରରେ ପ୍ରବଳ ଭିଡ଼ ଦେଖାଯାଇଛି। ମହିଳା ଓ ପୁରୁଷ ଓ ସେମାନଙ୍କ ୫ବର୍ଷରୁ ଊର୍ଦ୍ଧ୍ୱ ଶିଶୁ ଏହି କାର୍ଡରେ ଅନ୍ତର୍ଭୁକ୍ତ ହୋଇଥିଲେ ସୁଦ୍ଧା ଅଧାରାକାର୍ଡ ନଥିବା ଯୋଗୁ ଏବେ ତାହା କରିବା ପାଇଁ ଭିଡ଼ରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳର ହିତାଧିକାରୀ ଏହି ଆଧାରକାର୍ଡ ପ୍ରସ୍ତୁତି ପାଇଁ ନିଜ ଛୋଟ ଛୁଆଙ୍କୁ ଧରି ଦୀର୍ଘ ସମୟ ଯାଏ ପ୍ରସ୍ତୁତି କେନ୍ଦ୍ରରେ ଅପେକ୍ଷା କରି ରହିଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୋରାପୁଟ,୨୮।୮(ସ୍ୱ.ପ୍ର.)**

କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୩ ବାଣିଜ୍ୟ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ପ୍ରକାଶ ପ୍ରଧାନ, ଅଧ୍ୟାପକ ଶିବ ଶଙ୍କର ଦାସ, ଅଧ୍ୟାପିକା ଅମିତା ଦାସ ଉପସ୍ଥିତ ଥିଲେ। ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ୭୪ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।



ପଦକ ଜିତିଥିବା ଜୟପୁରର କୃତୀ ଖେଳାଳିମାନେ।

■ ଜାତୀୟ କରାଟେ ପ୍ରତିଯୋଗିତା

# ବ୍ରୋଞ୍ଜ ଜିତିଲେ ଜୟପୁରର ୪ ଖେଳାଳି

**ଜୟପୁର,୨୮।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ଜୟପୁର ସ୍ଥିତ ଉତ୍କଳ କରାଟେ ସ୍କୁଲର ୪ଜଣ ଛାତ୍ର ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରେଳବିଭାଗ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଜୟପୁର ଖେଳାଳି ଅଂଶୁମାନ ସିଂ ଲାଲ ୫୨ କିଲୋଗ୍ରାମ (ଫାଇଟ୍), ନିତିନ ପାଇକରାୟ ୪୨କିଲୋଗ୍ରାମ (ଫାଇଟ୍), ମନୋଜ ଜେନା ୫୫ କିଲୋଗ୍ରାମ (ଫାଇଟ୍), ଆୟୁଷ କୁମାର ଦାଶ ୨୫ କିଲୋଗ୍ରାମ (ଫାଇଟ୍)ରେ ତୃତୀୟ ସ୍ଥାନ ଅଧିକାର କରି ପଦକ ଜିତିଛନ୍ତି। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଗୁଜୁରାଟ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର ଖେଳାଳିମାନେ ଭାଗ ନେଇଥିଲେ । ଜୟପୁର ଦଳର କୋଚ୍ ଭାବେ ଜିଲା ସମ୍ପାଦକ ତଥା ଅନ୍ତର୍ଜାତୀୟ ରେଫ୍‌ରି ମୁନା ସିଂ ଲାଲ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ରେଫ୍‌ରୀ ହେବେ ଜୟପୁରର କରାଟେ ପ୍ରଶିକ୍ଷକ

**ଜୟପୁର,୨୮।୮(ଡି.ଏନ୍.ଏ.)**




ଦିଲ୍ଲୀଠାରେ ଗତ ସପ୍ତାହରେ ଅନୁଷ୍ଠିତ ବିଶ୍ୱ କରାଟେ ଫେଡେରେସନ ପ୍ରତିଯୋଗିତା ନିୟମ ଏବଂ ରେଫରି କର୍ମଶାଳାରେ ରାଜ୍ୟର ୭ଜଣ ପ୍ରଶିକ୍ଷକଙ୍କୁ ଅନ୍ତର୍ଜାତୀୟ ରେଫରି ଭାବେ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏଥିରେ କୋରାପୁଟ ଜିଲା ଜୟପୁରର ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକ ମୁନା ସିଂ ଲାଲ ମନୋନୀତ ହୋଇଛନ୍ତି । ଏନେଇ କୋରାପୁଟ ଜିଲାରେ ଆନନ୍ଦ ପ୍ରକାଶ ପାଇଛି। ଜିଲାରେ କରାଟେର ପ୍ରଚାର ପ୍ରସାରରେ ପ୍ରଶିକ୍ଷକ ସିଂ ଲାଲଙ୍କ ଅବଦାନ ରହିଥିବା ବେଳେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ସମସ୍ତ ପରିଚାଳନା ଦାୟିତ୍ୱ ନେଇଥିବା ସଭାପତି କୃଷ୍ଣଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି।

# କୋଟପାଡ଼ରେ ବଢୁଛି ବାଇକ ଚୋରି

■ଚୋରି ବାଇକ ଉଦ୍ଧାର କଲେ ଯୁବବର୍ଗ
■ଚକ୍‌ମା ଦେଖାଇ ଚୋର ଫେରାର

**ଚାନ୍ଦିଲି (କୋଟପାଡ଼), ୨୮।୮(ଡି.ଏନ୍.ଏ.)**

କୋଟପାଡ଼ରେ ଦିନକୁ ଦିନ ବଢ଼ି ଚାଲିଛି ବାଇକ୍ ଚୋରି । ମଙ୍ଗଳବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଅସ୍ତୁ ଗୁମୁଡ଼ିଆ ନିଜ ବାଇକ୍ (ଓଡି ୧୦ଏ ୯୭୩୯) ଗୋଟିଏ ଦୋକାନ ସାମ୍ନାରେ ସଉଦା କରିବା ଭିତରେ ତାହା ଚୋରି ହୋଇଯାଇଛି। ବିଳମ୍ବିତ ରାତିରେ ୨ ଜଣ ବ୍ୟକ୍ତି ପେଟ୍ରୋଲ ନ ଥିବା ଯୋଗୁ କୁଞ୍ଜୀଗୁଡ଼ା ସାହି ବିଦ୍ୟାଳୟ ପରିସରରେ ବାଇକ୍ ଛାଡ଼ି ପଳାଇଥିଲେ। ପାହାନ୍ତାରେ ସେମାନେ ପୁଣି ଆସି ଟାଙ୍କି ତାଲା ଭାଙ୍ଗି ତେଲ ପକାଉଥିବା ସମୟରେ ନିକଟସ୍ଥ ଗଣେଶ ପୂଜା ମଣ୍ଡପରେ ଥିବା ଯୁବକ ଅଶୋକ ମଣ୍ଡଳ, ବୁଦ୍ଦୁରାମ ମାଝୀ, ସନ୍ଦୀପ ସାହୁ, ପଦ୍ମନ ନାୟକ, ଶଙ୍କର ଚାଲାଣ, ନରସିଂହ ମାଝୀ, ବୁଟି ମାଝୀ, କୁଞ୍ଜବିହାରୀ ପାତ୍ର ସନ୍ଦେହରେ ସେମାନଙ୍କୁ ଅଟକାଇଥିଲେ। ପଚରାଉଚୁରା ବେଳେ ସେମାନେ ନବରଙ୍ଗପୁର ମାଝୀଗୁଡ଼ାର ବୋଲି କହିଥିଲେ। ଖବର ପାଇ ଅଁଳାଭଟ୍ଟା ଗ୍ରାମରୁ ମାଲିକ ଅସ୍ତୁ ଗୁମୁଡ଼ିଆ ଘଟଣାସ୍ଥଳକୁ ଆସିବା ପୂର୍ବରୁ କୌଶଳ କରି ୨ ଚୋରି ଖସିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ସେହି ସ୍ଥାନରୁ କୁଞ୍ଜୀଗୁଡ଼ା ସାହିର ନରସିଂହ ମାଝୀଙ୍କ ବାଇକ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା।

■ ପିଏମ୍ଏୱାଇ ସଚେତନତା ଶିବିର

# ଚଳିତ ବର୍ଷ ୧୩୮୪ ହିତାଧିକାରୀ ପାଇବେ ଘର

**ଦଶମନ୍ତପୁର,୨୮।୮(ଡି.ଏନ୍.ଏ.)**



ସଚେତନତା ଶିବିରରେ ଅତିଥିଙ୍କ ଗହଣରେ ହିତାଧିକାରୀମାନେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ବୁଧବାର ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ସଚେତନ କରାଯାଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଚଣାବାଡ଼, ଦଶମନ୍ତପୁର, ମୁର୍କାର, ପିଣ୍ଡାପଦର ଓ ବେଡ଼ାପଦର ପଞ୍ଚାୟତର ଶତାଧିକ ହିତାଧିକାରୀ ଯୋଗ ଦେଇଥିଲେ। ସେମାନେ ୧.୩ ଲକ୍ଷ ଟଙ୍କାରେ କିପରି ଏକ ଭଲ ଘରଟିଏ ତିଆରି କରିପାରିବେ, ତାହା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଡିଓ କହିଥିଲେ। ଏହାସହ ୩ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରୁଥିବା ହିତାଧିକାରୀଙ୍କୁ ବୋନସ୍ ମଧ ମିଳିବ ବୋଲି ସେ କହିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ମଧ ୧୫ ହଜାର ଟଙ୍କା ମିଳିବ। ଗୃହ ପାଇବା ଓ ନିର୍ମାଣ କରିବା ପାଇଁ କାହାକୁ ଲାଞ୍ଚ ନ ଦେବାକୁ ଏଠାରେ ସଚେତନ କରାଯିବା ସହ ସରକାର ରଖିଥିବା ନିୟମାବଳୀ ସମ୍ପର୍କରେ ହିତାଧିକାରୀଙ୍କୁ ଶପଥପାଠ କରାଯାଇଥିଲା। ଚଳିତ ୨୦୧୯–୨୦ ଆର୍ଥିକ ବର୍ଷରେ ବ୍ଲକ୍‌ର ମୋଟ ୧୩୮୪ ଜଣ ହିତାଧିକାରୀ ଆବାସ ଗୃହ ପାଇବେ। ଏଥିରେ ଚଣାବାଡ଼ ପଞ୍ଚାୟତର ୧୮ଜଣ ହିତାଧିକାରୀ, ଦଶମନ୍ତପୁର ପଞ୍ଚାୟତ ୮୦, ପରଜା ବେଡ଼ାପଦର ୨୬, ପୋଡ଼ାଗଡ଼ ୧୪୭, ପିଣ୍ଡାପଦର ୧୪୪, ପି. ଫୁଲବେଡ଼ା ୧୦୯, ନନ୍ଦିଗାଁ ୪୫, ମୁର୍କାର ୫୨, ମୁଜାଙ୍ଗ ୫୯, ଏ. ମାଲକାନଗିରି ୨୦, ଚିକାମ୍ବ ୨୧, ଦୁଆରଶୁଣି ୧୧୦, ଡୁମ୍ବାଗୁଡ଼ା ୮୩, ଗାଦିଆଗୁଡ଼ା ୧୪୬, ଗିର୍ଲିଗୁମ୍ମା ୧୯୪ ଏବଂ ଲୁଲ୍ଲା ପଞ୍ଚାୟତରେ୧୩୦ ଜଣ ହିତାଧିକାରୀ ରହିଥିବା ସହକାରୀ ଯନ୍ତ୍ରୀ ଇଂ. ଦଶରଥ ମୁର୍ମୁ ସୂଚନା ଦେଇଛନ୍ତି।

# ଶିବିରରେ ୭ଶହ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଦାମନଯୋଡ଼ି,୨୮।୮(ଡି.ଏନ୍.ଏ.)**

ନାଲ୍‌କୋ ଟାଉନସିପ୍ ସରସ୍ୱତୀ ବିଦ୍ୟାମନ୍ଦିର ସେକ୍ଟର–୨ ସ୍କୁଲରେ ବୁଧବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ଦିଆଯାଇଥିଲା। ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ ସହ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ର ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ୍ ନାୟକଙ୍କ ନେତୃତ୍ୱରେ ଡା. ଅଭିଜିତ୍ ଦାସ, ଡା. ସାଗରିକା ଚୌଧୁରୀ, ଡା. ଅବିନାଶ ଚିନ୍ନାରା, ଡା. ଧୃତି ସୁନା, ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ସ୍ମିତା ନାୟକ, କାମିନୀ ପାତ୍ର, ସ୍ୱାସ୍ଥ୍ୟକର୍ମୀ ମାନସ ସ୍ୱାଇଁ, ବେବି ସ୍ୱାଇଁ ଓ ଅର୍ଚ୍ଚନା ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏଠାରେ ପ୍ରାକ୍ ନର୍ସରୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ସମସ୍ୟା ରହିଥିବା ପିଲାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍ ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରାଯିବ। ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ସେନାପତିଙ୍କ ସହ ପରିଚାଳନା କମିଟି କର୍ମକର୍ତ୍ତା ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେକ୍ଟର–୨ ସ୍କୁଲର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁନନ୍ଦା ଦେବୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅସୀମା ଦାସଙ୍କ ଅନ୍ୟମାନେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

■ ଗଣେଶ ପୂଜା ପାଇଁ ପ୍ରଶାସନିକ ବୈଠକ

# ଡିଜେ, ବାଣ ଉପରେ କଟକଣା

**ଜୟପୁର,୨୮।୮(ଡି.ଏନ୍.ଏ./ନି.ପ୍ର.)**



ଗଣେଶ ପୂଜା ପାଇଁ ପ୍ରଶାସନିକ ବୈଠକରେ ଅତିଥିମାନେ।

ସେପ୍ଟେମ୍ବର ୨ରେ ଜୟପୁର ସହରରେ ଗଣେଶ ପୂଜା ପାଳନ ପୂର୍ବରୁ ଉପଖଣ୍ଡ ପ୍ରଶାସନ ମଙ୍ଗଳବାର ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ କରିଛି। ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିବା ବେଳେ ସେମାନଙ୍କ ଆଗରେ କିଛି କଟକଣା ରଖାଯାଇଛି। ବିସର୍ଜନ ଶୋଭାଯାତ୍ରା ବେଳେ ଡିଜେ ବ୍ୟବହାର ଓ ବାଣ ଫୁଟାଇବା ଉପରେ ଅଙ୍କୁଶ ଲଗାଯାଇଛି। ଗଣେଶ ପୂଜାର ତୃତୀୟ, ପଞ୍ଚମ ଓ ସପ୍ତମ ଦିବସରେ ବିସର୍ଜନ କରାଗଲେ ସହରର ମୁଖ୍ୟରାସ୍ତାକୁ ଶୋଭାଯାତ୍ରା ପାଇଁ ବ୍ୟବହାର କରାଯାଇପାରିବ ଓ ସେଥିରେ ପୋଲିସ ମୁତୟନ ସହ ବିସର୍ଜନ ସ୍ଥଳୀରେ ଅଗ୍ନିଶମ ବାହିନୀ ଉପସ୍ଥିତ ରହିବ। ଅନ୍ୟ ଦିବସରେ ବିସର୍ଜନ କଲେ ମୁଖ୍ୟରାସ୍ତାର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ଜଗନ୍ନାଥ ସାଗର ପାର୍ଶ୍ୱରେ ନିର୍ମିତ ଏକ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜିତ ହେବ। ସେଠାରେ ଆଲୋକ ଓ ରାସ୍ତାର ମରାମତି ପାଇଁ ପୌରସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବିସର୍ଜନ ଶୋଭାଯାତ୍ରାର ୩ ଦିନ ପୂର୍ବରୁ ପୋଲିସଠାରୁ ଅନୁମତି ନେବା ସହ ତାହାର ରୁଟ୍ ଅନୁଯାୟୀ ମେଢ଼ ବିସର୍ଜନ ସ୍ଥଳୀକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବଡ଼ମୂର୍ତ୍ତି ବିସର୍ଜନ ବେଳେ କ୍ରେନ୍ ପାଇଁ ସଂପୃକ୍ତ ପୂଜା କମିଟି ଖର୍ଚ୍ଚ ବହନ କରିବେ। ବୈଠକରେ ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ ଏବଂ ୬୦ରୁ ଅଧିକ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଗୁରୁବାର, ଅଗଷ୍ଟ ୨୯/୨୦୧୯ | Berhampur, Thursday, August 29/2019


## ସଡ଼କ ସୁରକ୍ଷା ନେଇ ଗଞ୍ଜାମ ଏସ୍‌ପିଙ୍କ ବୈଠକ

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ସଡକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବୁଧବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲଟି ଓ ୧୬ ଏନ୍‌ଏସିରେ ମୋଟର ଭେଇକିଲ୍ ଆକ୍ଟ ୧୯୮୮ର ୫୯ ଧାରା, ୨୦୦ ଧାରାର ଉପାଧାରା (୧) ଅନୁସାରେ ଥାନା ସବ୍ ଇନ୍ସପେକ୍ଟରଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସେହିପରି ଏଏସ୍‌ଆଇମାନଙ୍କୁ ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏନେଇ ୧୪ ତାରିଖରେ ଓଡିଶା ଗେଜେଟ୍


ଏସ୍‌ପି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରକାଶ ପାଇଥିଲା। ଏହି କାର୍ଯ୍ୟ ତ୍ୱରାନ୍ୱିତ ନେଇ ବୈଠକରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ୩ ତାରିଖରୁ ଏହା ଲାଗୁ ହୋଇଛି। ବୁଧବାର ଅନୁଷ୍ଠିତ ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନଙ୍କୁ ନେଇ ସମନ୍ୱୟ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲ। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ଜିଲାର ଛତ୍ରପୁର, ଚମାଖଣ୍ଡି, ପୋଲସରା, ରମ୍ଭା, ଖଲ୍ଲିକୋଟ ସମେତ ୬ ଥାନାକୁ ଅନଲାଇନ୍‌ରେ ଜରିମାନା ଆଦାୟ କରିବା ପାଇଁ ମେଶିନ୍ ପ୍ରଦାନ କରାଯାଇଛି। ଏହାର ପରିଚାଳନା ଉପରେ ବୁଝାଯାଇଥିଲା। ଜିଆରଆଇପିଏସ୍ (ସରକାରୀ ରିସିପ୍ଟ ପୋର୍ଟାଲ ସିଷ୍ଟମ)ରେ ଟ୍ରାଫିକ୍ ଉଲ୍ଲଂଘନ ନେଇ ଜରିମାନା କଟାଯିବ। ଏଥିସହ ସଡକ ସୁରକ୍ଷା ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ, ଗଞ୍ଜାମ ଆରଟିଓ ସଞ୍ଜୟ ବିଶ୍ୱାଳ, ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କ ସମେତ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଜିଆର୍‌ଏସ୍‌ଙ୍କୁ ଆକ୍ରମଣ ଅଭିଯୋଗ

ବେଗୁନିଆପଡ଼ା,୨୮।୮(ଡି.ଏନ୍.ଏ.)- ବେଗୁନିଆପଡ଼ା ବ୍ଲକ କୁମ୍ଭାରଗାଁ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ସୀତାରାମ ପଟ୍ଟନାୟକଙ୍କୁ ଆକ୍ରମଣ ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସୀତାରାମଙ୍କ ଏତଲା କ୍ରମେ ସ୍ଥାନୀୟ ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା ତଦନ୍ତ ଜାରି ରହିଥିବା କହିଛନ୍ତି। ବେଗୁନିଆପଡ଼ା ବିଡିଓଙ୍କ ନିର୍ଦ୍ଦେଶରେ ସୀତାରାମ ଏହି ପଞ୍ଚାୟତର ମାଳ ବେଲପଡା ଗ୍ରାମକୁ ପ୍ରି କାଷ୍ଟ ଲାଟିନ ତିଆରି କରିବା ପାଇଁ ଏକ ଏନ୍‌ଜିଓ ସଭ୍ୟ ଶୁଭକାନ୍ତ ବେହେରାଙ୍କ ସହିତ ଯାଇଥିଲେ। ଏହି ସମୟରେ ଉକ୍ତ ଗ୍ରାମର କେତେଜଣ ଯୁବକ ସୀତାରାମଙ୍କୁ ଗାଳି ଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ସୀତାରାମଙ୍କୁ ପ୍ରଥମେ ସୁମଣ୍ଡଳ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଗୋଷ୍ଠୀ ସଂଘର୍ଷ ମାମଲା, ଫେରାର ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡ,୨୮।୮(ଡି.ଏନ୍.ଏ.)-ଗୋଷ୍ଠୀ ସଂଘର୍ଷ ମାମଲାରେ ସମ୍ପୃକ୍ତି ଥିବା ଚିକିଟି ବ୍ଲକ ନୂଆପଡ଼ାର କୃଷ୍ଣ ପ୍ରଧାନ ଓରଫ କାହ୍ନାଙ୍କୁ କେ. ନୂଆଗାଁ ପୋଲିସ ବୁଧବାର ଅପରାହ୍ନରେ ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଯାଇଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, ଛାତ୍ରୀମାନଙ୍କୁ କମେଣ୍ଟ ମରାକୁ କେନ୍ଦ୍ର କରି ଗ୍ରାମର ୨ ଯୁବ ଗୋଷ୍ଠୀ ମଧରେ ଗତ କିଛି ଦିନ ହେଲା ଛକାପଞ୍ଝା ଲାଗି ରହିଥିଲା। ଶନିବାର ରାତି ପ୍ରାୟ ୧୦ଟାରେ ଗ୍ରାମର ଚଢ଼ିଆପଡ଼ା ସାହିର ଯୁବ ଗୋଷ୍ଠୀ ନିଲାମ ଛକର ଯୁବ ଗୋଷ୍ଠୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ସନାତନ ପ୍ରଧାନ ଓ ଟିଲ ଓରଫ ଟୁଲୁ ଗୌଡ ଗୁରୁତର ଆହାତ ହୋଇଥିଲେ। ସନାତନଙ୍କ ବାମ କାନ ମୁଣ୍ଡାକୁ ଖଣ୍ଡାରେ ହଣା ଯାଇଥିବାରୁ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ନଂ. ୧୫୭/୧୯ ଦଫା ୩୪୧/୩୨୬/୩୦୭/୩୪ ଅନୁଯାୟୀ କାହ୍ନୁଙ୍କୁ ଗିରଫ କରିଥିଲା।

### ବ୍ୟବସାୟୀଙ୍କଠାରୁ ୪.୮ କେଜି ରୁପା ଅଳଙ୍କାର ଲୁଟ୍

ଛତ୍ରପୁର,୨୮।୮(ଡି.ଏନ.ଏ.)- ଛତ୍ରପୁର ଥାନା ମୁନିଷିପେଣ୍ଠ ଗାଁରେ ଜଣେ ବୁଲା ବିକାଳିଙ୍କ ଠାରୁ ବୁଧବାର ୪ କେଜି ୮ଶହ ଗ୍ରାମ ରୂପା ଅଳଙ୍କାର ଲୁଟ୍ ହୋଇଛି। ସେ ହେଲେ ଲଣ୍ଡାବାଂଉଶ ଗାଁରେ ସୀମାଞ୍ଚଳ ସାହୁ। ସେ ଛତ୍ରପୁରରେ ରହି ବିଭିନ୍ନ ଅଞ୍ଚଳରେ ବୁଲି ରୂପା ଅଳଙ୍କାର ବିକ୍ରି କରିଥାନ୍ତି। ବୁଧବାର ମୁନିଷିପେଣ୍ଠ ଗାଁରେ ଲୁନାରେ ରୂପା ଅଳଙ୍କାର ଥିବା ବ୍ୟାଗ୍ ଝୁଲାଇ ଏକ ଦୋକାନରେ ଚା' ପିଉଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ରୂପା ଅଳଙ୍କାର ଥିବା ବ୍ୟାଗ୍ ନେଇ ଚାଲିଯାଇଥିଲେ। ପରେ ଏନେଇ ସୀମାଞ୍ଚଳ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ନଂ-୨୦୬/୧୯ରେ ମାମଲା ରୁଜୁ କରି ଛତ୍ରପୁର ପୋଲିସ ତଦନ୍ତ ଚଳାଇଛି।

### ନଗର ଉନ୍ନୟନ ମନ୍ତ୍ରୀଙ୍କ ସୋରଡ଼ା ଗସ୍ତ

ସୋରଡ଼ା,୨୮।୮(ଡି.ଏନ.ଏ.)- ରାଜ୍ୟ ପାନୀୟ ଜଳ, ଆଇନ, ଗୃହ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବୁଧବାର ସୋରଡ଼ା ଗସ୍ତ କରି ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସ, ପିକନିକ୍ ସ୍ପଟ, ଖୁଣ୍ଟେଶ୍ୱରୀ ମନ୍ଦିର ପ୍ରବେଶ ଦ୍ୱାର ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ ଅଧକ୍ଷା ସାଇବାଣୀ ମଲିକ, ବିଡିଓ ସୀମାଞ୍ଚଳ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନି କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ୨୬ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ । ପ୍ରଶ୍ନ ମୁନି, ମନୁ ବିଶ୍ୱାସରାୟ, ବସନ୍ତ ସ୍ୱାଇଁ, ପ୍ରମୋଦ ଅଧିକାରୀ, ଦୀପ୍ତିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ।

## ନ୍ୟାୟପ୍ରଦାନ ନେଇ ଜିଲାପାଳଙ୍କୁ ଅନୁରୋଧ

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ନ୍ୟାୟ ପ୍ରଦାନ ପାଇଁ ଛତ୍ରପୁର ଦେବୀନଗର ଭଡା ଘରେ ରହୁଥିବା ବଳରାମ ରାଜୁ ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଲିଖିତ ଭାବେ ଅନୁରୋଧ କରିଛନ୍ତି। ସେ ଖଲ୍ଲିକୋଟ ସାମନ୍ତସାହିରେ କ୍ରୟ କରିଥିବା ଜମିରେ ଘରେ ତିଆରି କରୁଛନ୍ତି। ଘର କାମ ଚାଲିଥିବା ବେଳେ ଖଲ୍ଲିକୋଟ ଆରଆଇ ପହଞ୍ଚି ସରକାରୀ ଜମିର କେତେକ ଅଂଶରେ ଘର ତିଆରି ହେଉଥିବା କହିଥିଲେ। ଏହାପରେ ବଳରାମ ଘର ତିଆରି ବନ୍ଦ କରିଥିଲେ। ଅପରପକ୍ଷରେ ଉକ୍ତ ସରକାରୀ ଜମିରେ ଆଉ ଜଣେ ବ୍ୟକ୍ତି ଘର ତିଆରି କରୁଛନ୍ତି। ଏ ସମ୍ପର୍କରେ ବଳରାମ ଆରଆଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତହସିଲଦାରଙ୍କୁ ଭେଟି ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ପରେ ଭେଟିବାକୁ ଯାଇଥିବା ବେଳେ ତହସିଲଦାର ଦୁର୍ବ୍ୟବହାର କରିଥିବା ନେଇ ବଳରାମଙ୍କ ପକ୍ଷରୁ ଲିଖିତ ଭାବେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏହା ଉପରେ ତଦନ୍ତ ହେବ ବୋଲି ଜିଲାପାଳ କହିଛନ୍ତି।

## ଭାଜପାର ବୈଠକ

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଛତ୍ରପୁର ଭାଜପାର ଏକ ବୈଠକ ବୁଧବାର ଚିକଲଖଣ୍ଡି ପଞ୍ଚାୟତ ବାଳକୃଷ୍ଣପୁରଗାଁରେ ଅନୁଷ୍ଠିତ ହୋଇଥିଲେ। ଏଥିରେ ପ୍ରଫୁଲ୍ଲ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଭାଜପା ଯୁବନେତା ପ୍ରଶାନ୍ତ କୁମାର କର ମୁଖ୍ୟଅତିଥି, ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ, ଜିଲା ହରିଜନ ମୋର୍ଚ୍ଚା ସଭାପତି ଚୈତନ୍ୟ ପ୍ରଧାନ, ଛତ୍ରପୁର ମଣ୍ଡଳ ଉପସଭାପତି ବସନ୍ତ କୁମାର ବେହେରା, କେ. ନାଗେଶ୍ୱର ପାତ୍ର, କେ. ମୋହନ ପାତ୍ର, କେ. ଦାମ ପାତ୍ର, ଜି. ଗଣେଷ, ଦିଲୁ ପାତ୍ର, କେ. ରାମେୟା ପାତ୍ର, କେ. ଆରେଶୁ ପାତ୍ର, ମଣ୍ଡଳ ସଭାପତି ଗାଣ୍ଡୁ ଗୌଡ ଓ ତିରୁପତି ରାଓ ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ଭାଜପାରେ ଯୋଗ ଦେଇଥିବା ସୂଚନା ଦିଆଯାଇଛି।






■ ସ୍ୱଚ୍ଛ ଛତ୍ରପୁର ସବୁଜ ଛତ୍ରପୁର

## ଡଷ୍ଟବିନ୍‌ରେ ଆବର୍ଜନା ପକାଇବା ବାଧ୍ୟତାମୂଳକ

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁରରେ ବୁଧବାର ସ୍ଥାନୀୟ ଗ୍ରୋସରୀ ବ୍ୟବସାୟୀ ସଂଘ ପକ୍ଷରୁ ସ୍ୱଚ୍ଛ ଛତ୍ରପୁର ସବୁଜ ଛତ୍ରପୁର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛତ୍ରପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଏହାର ଭୂୟସୀ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମର ସଫଳ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତାଙ୍କ ବକ୍ତବ୍ୟରେ ଏନ୍‌ଏସି ପକ୍ଷରୁ ପରିମଳ ଓ ଆବର୍ଜନା ସଂଗ୍ରହ ଉପରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ବ୍ୟବସାୟୀଙ୍କୁ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା। ସବୁ ବ୍ୟବସାୟୀ ନିଜ ଦୋକାନ ଆବର୍ଜନା ଏଥିରେ ପକାଇବା ବାଧ୍ୟତାମୂଳକ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ସଂଘ ସଭାପତି ସୟଦ ମୁଖ୍‌ତାର, ଉପସଭାପତି ଜି. ଜନାର୍ଦ୍ଦନ ରାଓ, ସମ୍ପାଦକ ଶ୍ରୀକାନ୍ତ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଉମା ଶଙ୍କର ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ସେନାପତି, କମିଟି ସଭ୍ୟ ବି. ଚିରଞ୍ଜୀବୀ ସୁବୁଦ୍ଧି, ଶିଶିର କୁମାର ସାହୁ, କେ. ସୁଧାଂଶୁ କୁମାର ପାତ୍ର, କେ. ସୁରେଶ ସେନାପତି, ପି.ଜଗାନ୍ନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟବସାୟୀ କେ. କାମେଶ୍ୱ, ମୁକେଶ, ଟୁନା ବେହେରା, ଦୁର୍ଯ୍ୟୋଧନ ସେନାପତି, ସରୋଜ ଗନ୍ତାୟତ, ରାଜେନ୍ଦ୍ର ବେହେରା ଓ ଅର୍ଜୁନ ସେନାପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଫନୀ ବାତ୍ୟା ସହାୟତାକୁ ଅପେକ୍ଷା

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଚଳିତ ବର୍ଷ ମେ ୨ ଓ ୩ ତାରିଖରେ ଫନୀ ବାତ୍ୟାରେ ବର୍ଷା ଓ ପବନ ହୋଇଥିଲା। ଏଥିରେ ଜିଲାର ବହୁ ଘର ଭାଙ୍ଗିଥିଲା। କ୍ଷୟକ୍ଷତି ଆକଳନ କରାଯାଇ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିଲା। ଏଥିସହ ଫନୀରେ ପ୍ରଭାବିତଙ୍କୁ ରିଲିଫ୍, ଲୁଗା, ବାସନକୁସନ ଆଦି ବଣ୍ଟନ କରାଯାଇଥିଲା। ଏବାବଦରେ ୪ କୋଟି ୮୮ ଲକ୍ଷ ୬୮ ହଜାର ୩୧୦ ଟଙ୍କା ଆବଶ୍ୟକ ରହିଛି। ଏ ସମ୍ପର୍କରେ ପୂର୍ବରୁ ମଧ ଏସ୍‌ଆରସିଙ୍କୁ ଚିଠି ଦ୍ୱାରା ସୂଚନା ଦିଆଯାଇଥିଲା। ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଫନୀ କ୍ଷତି ପାଇଁ ଓଡିଶା ପାଇଁ ଆର୍ଥିକ ସହାୟତା ମଞ୍ଜୁର ହୋଇଛି। ଫନୀ କ୍ଷତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ପୁଣି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କଠାରୁ ଗଞ୍ଜାମ ଜିଲା ପ୍ରଶାସନକୁ ଆସିଛି। ଏନେଇ ରିପୋର୍ଟ ପ୍ରସ୍ତୁତ ଚାଲିଛି। ଆହୁରି ଜଣାଯାଇଛି, ଘର ଭଙ୍ଗା ସହାୟତା ପ୍ରଦାନ ପାଇଁ ୧ କୋଟି ୬୦ ଲକ୍ଷ ୨୦ ହଜାର ଟଙ୍କା, ଲୁଗାପଟା ପାଇଁ ୧ ଲକ୍ଷ ୧୮ ହଜାର ଟଙ୍କା, ବାସନକୁସନ ପାଇଁ ୧ ଲକ୍ଷ ୩୨ ହଜାର ଟଙ୍କା ଆଦି ଆବଶ୍ୟକ ପଡୁଛି। ଫନୀରେ ଜିଲାର ୧୩୦୨ ଘର ଭାଙ୍ଗିଥିବା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା। ସେଥିରେ ୧୧୪୪ ଘର ଆଂଶିକ ଭାଙ୍ଗିଥିବା ବେଳେ ୫୩ ସମ୍ପୂର୍ଣ୍ଣ ଭାଙ୍ଗିଥିବା ରହିଛି। ଏଥିସହ ୧୯ କୁଡିଆ ଘର ଓ ୮୬ କ୍ୟାଟଲ ସେଡ୍ ଭାଙ୍ଗିଥିଲା। ଫନୀରେ ଜିଲାର ଖଲ୍ଲିକୋଟ ବ୍ଲକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ବ୍ଲକର ୮୫୧ ଘର ଆଂଶିକ ଭାଙ୍ଗିଥିବା ବେଳେ ୧୧ କୁଡିଆ ଓ ୪୮ କ୍ୟାଟଲ ସେଡ୍ ସମେତ ୯୧୦ ଘର ଭାଙ୍ଗିଥିଲା। ସେହିପରି ଶେରଗଡ ଓ ଦିଗପହଣ୍ଡି ବ୍ଲକର ଗୋଟିଏ ଲେଖାଏ ଘର ଭାଙ୍ଗିଥିବା ବେଳେ କବିସୂର୍ଯ୍ୟନଗର ବ୍ଲକର ୩, ପୁରୁଷୋତ୍ତମପୁର ବ୍ଲକ ୧୦, ବେଗୁନିଆପଡା ବ୍ଲକ ୭୧ , ହିଞ୍ଜିଳି ବ୍ଲକ ୨, ପାତ୍ରପୁର ବ୍ଲକ ୭୨, ରଙ୍ଗେଇଲୁଣ୍ଡା ବ୍ଲକ ୪୦, କୁକୁଡାଖଣ୍ଡି ବ୍ଲକ ୧୮୯ ଓ ସାନଖେମୁଣ୍ଡି ବ୍ଲକ ୩ ଘର ଫନୀରେ ଭାଙ୍ଗିଥିଲା।






## ଆଇଆର୍‌ଇର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ


ବ୍ୟାଗ୍, ଖାତା ବଣ୍ଟନ ହେଉଛି।

**ଛତ୍ରପୁର,୨୮।୮(ଡି.ଏନ.ଏ.)**

ଛତ୍ରପୁର ଉପକଣ୍ଠରେ ଥିବା ଆଇଆରଇ (ଭାରତୟ ବିରଳ ମୃତ୍ତିକା) ପ୍ଲାଣ୍ଟ ପକ୍ଷରୁ ବୁଧବାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ କଣମଣା ପଞ୍ଚାୟତର ବିଭିନ୍ନ ସ୍କୁଲରେ ଆଇଆରଇ ହାଉସିଂ କଲୋନୀ କମ୍ୟୁନିଟି ସେଣ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବ୍ୟାଗ୍ ଓ ନୋଟ୍ ବୁକ୍ ବଣ୍ଟନ କରାଯାଇଥିଲା। ଟାକରିଆ, ତରେଇପାଟପୁର, ମାଟିଖାଲ, କଣମଣା ଓ ଚଷାକଣମଣା ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ଆଇଆରଇ ସିଜିଏମ୍ ଏ. ଜେ. ଜନାର୍ଥନନ୍ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାମଲକ୍ଷ୍ମୀ, ଡିଜିଏମ୍ (ରିସୋର୍ସ) ଜି.କେ.ନାୟକ, ଏକେ ପାଣି, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ସମିତି ସଭ୍ୟା ରଶ୍ମିତା ବେହେରା, ଚିଫ୍ ମ୍ୟାନେଜର ପି.କେ. ରାଉତ, ସୁରେଶ ଚନ୍ଦ୍ର ପାତ୍ର, ରଞ୍ଜିତ ପଣ୍ଡା ଓ ସୁଜିତ ମିଶ୍ରଙ୍କ ସମେତ କର୍ମଚାରୀ ୟୁନିୟନର କର୍ମକର୍ତ୍ତା, ଗାଁ କମିଟି ପ୍ରମୁଖ ଉପସ୍ଥିତ ଥିଲେ। ପରେ କ୍ୱାର୍ଟର୍ସ ଉନ୍ନତୀକରଣ କାର୍ଯ୍ୟର ଉଦ୍‌ଘାଟନ ସିଜିଏମ୍ କରିଥିଲେ। ଏହାପରେ ଚାରା ରୋପଣ କରାଯାଇଥିଲା। ଏଥିରେ ସ୍କୁଲ ଛାତ୍ରୀ ଛାତ୍ର, ଲେଡିସ୍ କ୍ଲବ ସଦସ୍ୟା ସାମିଲ ହୋଇଥିଲେ। ପରେ ସ୍ୱଛ ଭାରତ ମିଶନ ହାଉସିଂ କଲୋନୀରେ ରହୁଥିବା ପରିବାରଙ୍କୁ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା।

## ଗୋରୁପଲଙ୍କ ଉପରେ ଡମ୍ପର ମାଡ଼ିଗଲା: ୫ ମୃତ, ଚାଳକ ଗିରଫ

**ଶଙ୍କରାଖୋଲ,୨୮।୮ (ଡି.ଏନ୍.ଏ):** ଚକାପାଦ ଥାନା ପସରା ନିକଟରେ କଡ଼ିକାଡୁ ଘାଟିର ପାଣିପକା ବୁଲାଣିଆ ରାସ୍ତାରେ ବୁଧବାର ଦିନ ଗୋରୁ ପଲଙ୍କ ଉପରେ ବାଲି ବୋଝେଇ ଡମ୍ପର ମାଡିଯିବାରୁ ୫ ଗାଈ ବଳଦ ମୃତ ହୋଇଥିବା ବେଳେ ୧୫ରୁ ଅଧିକ ଗୋରୁ ଗାଈ ଆହତ ହୋଇଛନ୍ତି। ଏ ନେଇ ଚକାପାଦ ଥାନାରେ ୪୭/୧୯ରେ ମାମଲା ରୁଜୁ ହୋଇ ଡମ୍ପର ଚାଳକ ବିଧାନ ଗୌଡଙ୍କୁ ଗିରଫ କରିଥିବା ଥାନାଧିକାରୀ ତରୁଣ ତପନ ବେହେରା କହିଛନ୍ତି। ପ୍ରକାଶ ଅନୁଯାୟୀ ଟିକାବାଲିରୁ ମୁଣ୍ଡାଗାଁକୁ ବାଲି ବୋଝେଇ ଡମ୍ପର ଓଡି୦୨ଏ-୩୬୦୧ ଯାଉଥିବା ବେଳେ ଟିକାବାଲି-ଚକାପାଦ


ମୃତ ଗୋରୁମାନେ ।

ରାସ୍ତାର ପସରା ନିକଟ ପାଣିପକା ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଗାଈଗୋରୁ ଗୋଠ ଆସୁଥିବା ସମୟରେ ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ୫ଗାଈଗୋରୁ ମୃତ୍ୟୁବରଣ ହୋଇଥିବା ବେଳେ ୧୫ରୁ ଅଧିକ ଗାଈଗୋରୁ ଆହତ ହୋଇଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଗାଈଗୋରୁଙ୍କର ମାଲିକମାନେ ହେଲେ ପସରା ଗ୍ରାମର ଅରୁଣ ବିଷୋୟୀ, ଗଣ୍ଡା ମଲିକ, ପ୍ରାଞ୍ଜଳୀ ସାହୁ, ଖଗେଶ୍ୱର ନାୟକ ଓ ପଦ୍ମ ଚରଣ ବିଷୋୟୀଙ୍କର ଜଣାଯାଇଛି। ମୃତ ଗାଈଗୋରୁ ପସରା ପ୍ରାଣୀଧର କେନ୍ଦ୍ରର ଡାକ୍ତର ବିଭି ବିଜୟ କୁମାର ସାହୁ ଓ ସତ୍ୟ ନାରାୟଣ ପାଢୀ ଶବ ବ୍ୟବଚ୍ଛେଦ କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ